## ସଂକ୍ଷେପରେ

### ସାଇକେଲ ଆରୋହୀଙ୍କ ଉପରେ ମାଡ଼ିଗଲା କାର୍

ଚାନ୍ଦବାଲି,୬।୯(କିଷାନ ପାତ୍ର)

ଭଦ୍ରକ-ଚାନ୍ଦବାଲି ରାସ୍ତାର ଚନ୍ଦନପୁର ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ କାର୍ ମାଡ଼ିଯିବାରୁ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚନ୍ଦନପୁର ଗ୍ରାମର ଅକ୍ଷୟ କୁମାର ସାହୁ(୬୨)। ସୂଚନା ଅନୁଯାୟୀ, ସେ ବଜାରରୁ କାମ ସାରି ସାଇକେଲରେ ଫେରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା କାର୍‌ଟି ଧକ୍କା ଦେବା ସହ ତାଙ୍କ ଉପରେ ମାଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା କାର୍ ଡ୍ରାଇଭର ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର। ଲୋକେ ତାଙ୍କୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ଚାନ୍ଦବାଲି ଥାନା ପୋଲିସ ଏକ ମାମଲା ରୁଜୁ କରି କାର୍ ଡ୍ରାଇଭରଙ୍କୁ ଅଟକ ରଖିଛି।

### ଜଳିଗଲା ୩ ବଖରା

ଭଣ୍ଡାରିପୋଖରୀ,୬।୯(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ତେସିଙ୍ଗା ପଞ୍ଚାୟତ ବିଶୋଳ-ଶାସନ ଗ୍ରାମର ସହଦେବ ଯେନାଙ୍କ ୩ ବଖରା ଘର ଗୁରୁବାର ରାତିରେ ଜଳିଯାଇଛି। ପରିବାର ଲୋକେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଶୌଚ ପାଇଁ ଉଠିବାରୁ ଘର ଜଳୁଥିବା ଦେଖିଥିଲେ। ଖବରପାଇ ଭଣ୍ଡାରିପୋଖରୀରୁ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ପ୍ରାୟ ୫ ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

### ପୂର୍ବତନ ପାଣି ପଞ୍ଚାୟତ ସଭାପତିଙ୍କ ପରଲୋକ

ବନ୍ତ,୬।୯(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଅଧୀନ ତାଳବାଙ୍କ ଗ୍ରାମର ପୂର୍ବତନ ପାଣି ପଞ୍ଚାୟତ ସଭାପତି କାହ୍ନୁ ଚରଣ ନାୟକ(୭୭)ଙ୍କ ଶୁକ୍ରବାର ପରଲୋକ ହୋଇଛି। ଗତ କିଛି ଦିନ ତଳେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ପରେ ସେ ଘରକୁ ଆସିଥିଲେ। ଗୁରୁବାର ସେ ପୁଣି ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ଗ୍ରାମକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ବିଶ୍ୱନାଥ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। କାହ୍ନୁ ପୂର୍ବରୁ ହାତିଡିହୀ ଶାଖା କେନାଲ ପାଣି ପଞ୍ଚାୟତର ସଭାପତି ଭାବେ କାର୍ଯ୍ୟ କରିଥିଲେ। ସେ ବିଜୁ ଜନତା ଦଳର ଜଣେ ବରିଷ୍ଠ କର୍ମୀ ଥିଲେ। ତାଙ୍କ ପ୍ରଚେଷ୍ଟାରେ ଗ୍ରାମ୍ୟ ରାସ୍ତାଠାରୁ ଆରମ୍ଭ କରି ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିଛି।

# ପୂଜା ପାଇବେ ବୁଢ଼ା, ଟୋକା, ପିଲା ଗଣେଶ

ଭଦ୍ରକ,୬।୯(ସନାତନ ରାଉତ)

ଶନିବାର ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା। ଭଦ୍ରକର ପ୍ରସିଦ୍ଧ ବୁଢ଼ା, ଟୋକା ଓ ପିଲା ଗଣେଶ ପୂଜାକୁ ନେଇ ସମସ୍ତଙ୍କ ମନରେ ବେଶ୍ ଉତ୍ସାହ। ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୃଣ୍ମୟ ମୂର୍ତ୍ତି ସମ୍ପୂର୍ଣ୍ଣ ହୋଇଥିବା ବେଳେ ଶୁକ୍ରବାର କାରିଗରଙ୍କ ଶେଷ ସ୍ପର୍ଶ ଦିଆଯାଇଛି। ସହରର ସମସ୍ତ ପୂଜା ମଣ୍ଡପ ସଜେଇ ହୋଇଛି।

ଜିଲାରେ କାଳୀପୂଜା ପରେ ଗଣେଶ ପୂଜା ଗଣପର୍ବର ପରିଚୟ ପାଇଛି। ଜିଲାର ବିଭିନ୍ନ ମଣ୍ଡପରେ ପୂଜା ଆୟୋଜନ ହେଉଥିବା ବେଳେ ଭଦ୍ରକ ସହରର ପୁରୁଣାବଜାରରେ ବୁଢ଼ା, ଟୋକା, କୁଆଁସରେ ପିଲା ଗଣେଶ, ଛୁଆ ଗଣେଶ ଓ କାଞ୍ଚନ ଗଣେଶ ପୂଜା ପାଇବେ। ଏଠାରେ



ଶେଷ ପର୍ଯ୍ୟାୟରେ ବୁଢ଼ା ଗଣେଶଙ୍କ ମୂର୍ତ୍ତି ନିର୍ମାଣ।

୧ ମାସ ଧରି ପୂଜା ଚାଲିବ। ମୋଗଲ ଶାସନ କାଳରୁ ପୁରୁଣାବଜାର ପୂଜା ମଣ୍ଡପରେ ବୁଢ଼ା ଗଣେଶ ପୂଜା ଆରମ୍ଭ କରାଯାଇଥିବା କମିଟି ସଭାପତି ଅଜୟ କୁମାର ସାହୁ କହିଛନ୍ତି। ଭଦ୍ରକର ମୋଗଲ ତାମସା ସହ ଏହି ପୂଜାର ଐତିହାସିକ

#### ସଜେଇ ହୋଇଛି ମଣ୍ଡପ

ସମ୍ପର୍କ ରହିଛି। ଏକ ମାସ ଧରି ପୂଜା ଚାଲିବା ସମୟରେ ତାହା ମଧ୍ୟରେ ପୂଜା ମଣ୍ଡପରେ ରାଧାଷ୍ଟମୀ, ସୁନିଆଁ, ଅନନ୍ତବ୍ରତ, ଦୂତିବାହନ ଆଦି ଓଷା ଅନୁଷ୍ଠିତ ହେବ। ମାସେ ପୂଜା ପାଇବା ପରେ ଭସାଣି ଉତ୍ସବରେ ଉଭୟ ମୁସ୍‌ଲିମ୍ ଓ ହିନ୍ଦୁ ସମ୍ପ୍ରଦାୟର ଲୋକେ ସାମିଲ ହେଉଥିବାରୁ ଏହା ଭାଇଚାରାର ପର୍ବ ବୋଲି କମିଟି ସମ୍ପାଦକ ମନୋରଞ୍ଜନ ସାହୁ କହିଛନ୍ତି। ସେହିପରି ୧୯୭୦ରୁ ଟୋକା ଗଣେଶ ପୂଜା ହୋଇଆସୁଛି। କମିଟି ସଭାପତି ହରିପ୍ରସାଦ ନନ୍ଦୀ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପ୍ରମୋଦ ପଣ୍ଡା ପ୍ରମୁଖ ପୂଜା ପରିଚାଳନା ଦାୟିତ୍ୱ ନେଇଛନ୍ତି। ୧୯୯୩ରୁ କୁଆଁସଠାରେ ପିଲା ଗଣେଶ ପୂଜା ଅନୁଷ୍ଠିତ ହେଉଛି।

# ବ୍ୟାଙ୍କ ଆଗରେ ଅସମ୍ଭାଳ ଭିଡ଼



ବାଲିଗାଁସ୍ଥିତ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଆଧାର ଲିଙ୍କ୍ ପାଇଁ ଲୋକଙ୍କ ଭିଡ଼ ଜମିଛି।

ଚାନ୍ଦବାଲି,୬।୯(କିଷାନ ପାତ୍ର)

ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ଆଧାର କାର୍ଡ ଜରୁରୀ। ଏଣୁ ଅଧାର ଲିଙ୍କ୍ କରିବାକୁ ବ୍ୟାଙ୍କ୍, ପୋଷ୍ଟ ଅଫିସ୍‌କୁ ଲୋକଙ୍କ ସୁଅ ଛୁଟୁଛି। ଶୁକ୍ରବାର ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁସ୍ଥିତ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଅସମ୍ଭାଳ ଭିଡ଼ ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରି ନ ପାରି ବ୍ୟାଙ୍କ ସମ୍ମୁଖ ଫାଟକରେ ତାଲା ପକାଯାଇଥିଲା। ବ୍ୟାଙ୍କ ଖୋଲିବା ଆଗରୁ ଦୀର୍ଘ ସମୟ ଧରି ବହୁ ଲୋକେ ଧାଡ଼ି ଲଗାଇଥିଲେ। ଭିଡ଼ ନିୟନ୍ତ୍ରଣ କରି ନ ପାରି ମ୍ୟାନେଜର ବ୍ୟାଙ୍କରେ ତାଲା ପକାଇବା ସହ ପୋଲିସ ଡାକିଥିଲେ।

# ‘୨୫୦ ଟଙ୍କା ନ ଦେଲେ ଆଧାର ଲିଙ୍କ୍ ହୋଇପାରିବନି’



ଭଦ୍ରକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଲମ୍ବାଧାଡ଼ି।

ଭଦ୍ରକ,୬।୯(ସନାତନ ରାଉତ)

- ଅଭିଯୋଗ ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହେଲେ ଡାକଘର ଅଧିକାରୀ ଓ କର୍ମଚାରୀ
- ପୋଷ୍ଟ ଅଫିସ୍ ଆଗରେ ଲାଗିବ ‘ଆକାଉଣ୍ଟ ଖୋଲିବା ବାଧ୍ୟବାଧକତା ନୁହେଁ’ ଫଳକ

ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ଆଧାର କାର୍ଡ ଜରୁରୀ ହୋଇଥିବା ବେଳେ ଅପ୍‌ଡେଟ୍ ପାଇଁ ଆଧାର କେନ୍ଦ୍ର ଆଗରେ ପ୍ରବଳ ଭିଡ଼ ଜମୁଛି। ସକାଳ ୬ଟାରୁ ଆଧାର କେନ୍ଦ୍ର ଆଗରେ ମହିଳାମାନଙ୍କ ଭିଡ଼ ଲାଗୁଥିବା ଦେଖିବାକୁ ମିଳୁଛି। ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ଆଧାର ଅପ୍‌ଡେଟ୍ ପାଇଁ ଶୁକ୍ରବାର ସକାଳୁ ମହିଳାମାନଙ୍କ ଧାଡ଼ି ଲାଗିଥିଲା। ଆଧାର ଅପ୍‌ଡେଟ୍‌ରେ ସମୟ ଲାଗୁଥିବାରୁ ଦିନକୁ ମାତ୍ର ୩୦ରୁ ୫୦ ଜଣଙ୍କର ଅପ୍‌ଡେଟ୍ କରାଯିବ ବୋଲି କର୍ମଚାରୀମାନେ କହୁଥିବା ବେଳେ ଶତାଧିକ ଲୋକଙ୍କ ଧାଡ଼ି ଲାଗୁଛି। ଅନ୍ୟପଟେ ଭଦ୍ରକ ମୁଖ୍ୟ ଡାକଘରେ ଆଧାର ଅପ୍‌ଡେଟ୍ ଲାଗି ଯାଉଥିବା ମହିଳାମାନଙ୍କୁ ଆଧାର ଲିଙ୍କ୍ ବାବଦରେ ୫୦ ଟଙ୍କା ଓ ଡାକଘରେ ଆକାଉଣ୍ଟ ଖୋଲିବା ପାଇଁ ୨ଶହ ଟଙ୍କା ମୋଟ ୨୫୦ ଟଙ୍କା ନ ହେଲେ ଆଧାର ଲିଙ୍କ୍ ହୋଇପାରିବ ନାହିଁ ବୋଲି କୁହାଯାଉଥିବା ଅଭିଯୋଗ ହୋଇଛି। ୨୫୦ ଟଙ୍କା ସାଙ୍ଗରେ ଆଣି ନ ଥିବାରୁ ବହୁ ହିତାଧିକାରୀ ଫେରିଯିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଗୁରୁବାର ଖବରଦାତା ସମ୍ମିଳନୀରେ ଖବରଦାତାଙ୍କ ପକ୍ଷରୁ ଏନେଇ ଅବଗତ କରାଯିବା ପରେ ଜିଲାପାଳ ଦିଲୀପ ରାଉତରାଏ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ମୁଖ୍ୟ ଡାକଘରର ଅଧିକାରୀ ଓ କର୍ମଚାରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ଆକାଉଣ୍ଟ ଖୋଲିବାକୁ କାହାରିକୁ ବାଧ୍ୟ କରାଯାଇ ନାହିଁ। କେବଳ ପରାମର୍ଶ ଦିଆଯାଇଥିଲା ବୋଲି ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ମନୋଜ କୁମାର ଦାସ କହିଛନ୍ତି। ଏହାପରେ ପୋଷ୍ଟ ଅଫିସ୍ ଆଗରେ ‘ଆକାଉଣ୍ଟ ଖୋଲିବା ବାଧ୍ୟବାଧକତା ନୁହେଁ’ ବୋଲି ଫଳକ ଲଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ୧୪ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ,୬।୯ (ସନାତନ ରାଉତ)

ଭଦ୍ରକ ଜିଲା କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଏନେଇ ସୂଚନା ଦେଇଛନ୍ତି। ବିଚାରପତିମାନେ ରାଷ୍ଟ୍ରୀୟ ଲୋକଅଦାଲତରେ ଉପସ୍ଥିତ ରହି ପଞ୍ଜୀକୃତ ହୋଇଥିବା ଦେୱାନୀ, ଫୌଜଦାରୀ, ପାରିବାରିକ, ମୋଟର ଯାନ ଦୁର୍ଘଟଣା, ବ୍ୟାଙ୍କ ଋଣଜନିତ ମାମଲାଗୁଡ଼ିକର ଫଇସଲା କରିବେ। ଗରିବ ଓ ଗ୍ରାମାଞ୍ଚଳର ଲୋକେ ଏହି ଅଦାଲତରେ ବିନା ମୂଲ୍ୟରେ ଆଇନ ସେବା ପାଇପାରିବେ। ଜନସାଧାରଣ କୌଣସି ଦ୍ୱନ୍ଦ୍ୱ ବା ଭୟଭୀତ ନ ହୋଇ ଏହାର ସୁଯୋଗ ନେବାକୁ ନିବେଦନ କରାଯାଇଛି।

# ପୁନର୍ଗଠନ ପ୍ରତ୍ୟାହାର, ଭତ୍ତା ବୃଦ୍ଧି ଦାବି



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଇସି ସଦସ୍ୟାମାନେ।

ଭଦ୍ରକ, ୬।୯ (ସନାତନ ରାଉତ)

ଓଡ଼ିଶା ଜୀବିକା ମିଶନର ଭଦ୍ରକ ଜିଲା ଇସି ସଂଘ ପକ୍ଷରୁ ୨ ବର୍ଷରେ ଥରେ କରାଯାଉଥିବା ପୁନର୍ଗଠନକୁ ପ୍ରତ୍ୟାହାର ଓ ଭତ୍ତା ବୃଦ୍ଧି ପାଇଁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ସଂଘର ଇସି ସଦସ୍ୟାମାନେ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ୱୟଂସହାୟିକା ଗୋଷ୍ଠୀକୁ ସଙ୍ଗଠିତ କରିବା, ଆର୍ଥିକ ପରିଚାଳନା ତାଲିମ ଦେବା, ସିଆର୍‌ପି ଓ ଏମ୍‌ବିକେମାନଙ୍କ କାର୍ଯ୍ୟ ତଦାରଖ କରିବା ଭଳି ଗୁରୁଦାୟିତ୍ୱ ପଞ୍ଚାୟତ ମହାସଂଘର ଇସିମାନଙ୍କ ଦ୍ୱାରା କରାଯାଉଛି। ପ୍ରତି

#### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମିଶନ ଶକ୍ତି ଇସି ସଦସ୍ୟାଙ୍କ ଦାବିପତ୍ର

୨ ବର୍ଷରେ ଥରେ ପୁନର୍ଗଠନ ନାମରେ ଅସ୍ଥାୟୀ ଓ ଅନିଶ୍ଚିତତା ଭିତରେ ରଖାଯାଇଛି। ଏହି ପୁନର୍ଗଠନ ବ୍ୟବସ୍ଥାକୁ ପ୍ରତ୍ୟାହାର, ଭତ୍ତା ବୃଦ୍ଧି, କୁଶଳୀ ଶ୍ରମିକଙ୍କ ମାନ୍ୟତା ଅନୁସାରେ ସର୍ବନିମ୍ନ ମଜୁରୀ ପ୍ରଦାନ ଆଦି ଦାବି ସମ୍ବଳିତ ଦାବିପତ୍ର ସଂଘର କନକଲତା ଖୁଣ୍ଟିଆ, ସ୍ୱୟଂପ୍ରଭା ନାୟକ, ବିଷ୍ଣୁପ୍ରିୟା ଜେନା, ରୀନା ନାୟକ, ସ୍ନେହଲତା ପରିଡ଼ାଙ୍କ ସମେତ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଦିଲୀପ ରାଉତରାଏଙ୍କୁ ପ୍ରଦାନ କରିଛନ୍ତି।

# ପଞ୍ଚାୟତ ମହାସଂଘରୁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ

ଭଦ୍ରକ,୬।୯(ସନାତନ ରାଉତ)

ବନ୍ତ ବ୍ଲକର ପଧାନପଡ଼ା ପଞ୍ଚାୟତ ସରସ୍ୱତୀ ମହିଳା ମହାସଂଘର ସଭାନେତ୍ରୀ, ସମ୍ପାଦିକା ଓ ଏମ୍‌ବିକେ ବିନା ରିଜୋଲେଶନ, ବ୍ଲକ କାର୍ଯ୍ୟାଳୟର ବିନା ଅନୁମୋଦନରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ମନମୁଖୀ ଭାବେ ମହାସଂଘ ଗୋଷ୍ଠୀ ବିନିଯୋଗ ପାଣ୍ଠିରୁ ୧୫ରୁ ୨୦ ଲକ୍ଷ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ମହାସଂଘର ସିଆର୍‌ପିମାନେ ଅଭିଯୋଗ କରିଥିଲେ। ଗତ ଅଗଷ୍ଟ ୧୬ରେ ଜିଲାପାଳ ଓ ଡିପିଏମ୍‌ଙ୍କ ନିକଟରେ ଅଭିଯୋଗ ପରେ ଜିଲାପାଳ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅଧିକାର ଆଇନରେ

#### କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ସିଆର୍‌ପି

ସିଆର୍‌ପି ଉମାରାଣୀ ଦାସ ପାଇଥିବା ତଦନ୍ତ ରିପୋର୍ଟ ଅନୁଯାୟୀ, ବିଭିନ୍ନ କିସ୍ତିରେ ଚେକ୍ ମାଧ୍ୟମରେ ମହାସଂଘର ଗୋଷ୍ଠୀ ବିନିଯୋଗ ପାଣ୍ଠିରୁ ସଭାନେତ୍ରୀ ଓ ସମ୍ପାଦିକା ଏକାଧିକବାର ଟଙ୍କା ଉଠାଣ କରିଛନ୍ତି। ୨୦୨୧ ଜୁନ୍ ୨୬ରେ ଗୋଷ୍ଠୀ ବିନିଯୋଗ ପାଣ୍ଠିରୁ ଋଣ ଆକାରରେ ଚେକ୍ (ନଂ. ୭୪୮୬୭) ମାଧ୍ୟମରେ ୫୦ ହଜାର, ୨୦୨୨ ଜୁନ୍ ୨୯ରେ ୫୦ ହଜାର, ୨୦୨୨ ଜୁଲାଇ ୮ରେ ୧ ଲକ୍ଷ, ୨୦୨୪ ଏପ୍ରିଲ ୫ରେ ୪୦ ହଜାର ଓ ୨୦୨୪ ମେ ୨୫ରେ ୧ ଲକ୍ଷ ଏଭଳି ବିଭିନ୍ନ କିସ୍ତିରେ ଗୋଷ୍ଠୀ ବିନିଯୋଗ ପାଣ୍ଠିର ବନ୍ତରେ ଥିବା ଇକୋ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଣ କରାଯାଇଛି। ଏହି ଟଙ୍କାକୁ ଆତ୍ମସାତ୍ କରିଥିବା ଓ ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ଥିବା ଏମ୍‌ବିକେ, ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ବହିଷ୍କାର କରାଯିବା ସହ ସେମାନଙ୍କଠାରୁ ସମସ୍ତ ଅର୍ଥ ଆଦାୟ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସିଆର୍‌ପି ଉମାରାଣୀଙ୍କ ସହ କବିତା ନାୟକ, ବୈଦେହୀ ସେଠୀ, ସୁରଜିତା ବେହେରା, ଖାଲିଦା ବିବି, ଇସ୍‌ମାତୁନ ଖାତୁନ୍ ପ୍ରମୁଖ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଡିପିଏମ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରିଥିବା ସେମାନେ ପ୍ରକାଶ କରିଛନ୍ତି।

# ଗୁରୁ ସମ୍ମାନ, ସମ୍ବର୍ଦ୍ଧନା ଉତ୍ସବ

ଭଦ୍ରକ, ୬।୯ (ରବିନାରାୟଣ ଖିଲାର)

ଭଦ୍ରକ ସଂସ୍କୃତି ଭବନଠାରେ ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ଓ ସ୍ୱରାଜବାର୍ତ୍ତା ପକ୍ଷରୁ ଗୁରୁ ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଶିଷ୍ଟ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ମୁଖ୍ୟବକ୍ତା ଭାବେ ଇଂ. ଅଭୟ ସୂତାର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଡା. ହରେକୃଷ୍ଣ ନାୟକ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଅବସରପ୍ରାପ୍ତ ପ୍ରାଧାପକ ରାଧାରାଣୀ ମହାପାତ୍ର ଓ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନୀହାର ରଞ୍ଜନ କର ଯୋଗ ଦେଇଥିଲେ। ଗୁରୁ ହିଁ ସାକ୍ଷାତ ଈଶ୍ୱର। ଗୁରୁ-ଶିଷ୍ୟ ପରମ୍ପରାକୁ ବଜାୟ ରଖିବା ପାଇଁ ଏଭଳି ପୂଜ୍ୟପୂଜା ସମ୍ମାନ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଙ୍ଗଠନର ଉପସଭାପତି ମନୋରମା ରାୟ ମଞ୍ଚ ଆମନ୍ତ୍ରଣ, ଉପଦେଷ୍ଟା ଜାନକୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ, ଉପସଭାପତି ଚଇତାଳି ଖିଲାର ସ୍ୱାଗତ ଭାଷଣ ପ୍ରଦାନ ଓ ସମ୍ପାଦିକା ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାପତି କଳ୍ପନା ଜେନା ସଙ୍ଗଠନର ଆଭିମୁଖ୍ୟ କହିଥିବା ବେଳେ ଉପଦେଷ୍ଟା ଦୀପାଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆବାହକ ରେଣୁବାଳା ଖିଲାର ଓ ସାଂସ୍କୃତିକ ସମ୍ପାଦକ ରିଚିସ୍ମିତା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବାଦଲ କିଶୋର ମହାପାତ୍ର, ଶିବ ଶଙ୍କର ମଲ୍ଲିକ, ପ୍ରଭାତ ପାଣିଗ୍ରାହୀ, ଶ୍ରଦ୍ଧାଞ୍ଜଳି କର, ବୈକୁଣ୍ଠ ବିଶ୍ୱାଳ, କମଳାକାନ୍ତ ସାହୁ, ଅଶୋକ ନାୟକ, ଶ୍ରଦ୍ଧାଞ୍ଜଳି ବଳ, ଟି.ଭି. ରାଜଲକ୍ଷ୍ମୀ, ସନ୍ଧ୍ୟା କାମିନୀ ବିଶ୍ୱାଳ, ସୁଭଦ୍ରା ସ୍ୱାଇଁ, ଚଞ୍ଚଳା ସ୍ୱାଇଁ, ରଞ୍ଜିତା ମୁଦୁଲି, ଦୈତାରୀ ଦୀକ୍ଷିତ, ବସନ୍ତ ଦୀକ୍ଷିତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସହ ସମ୍ମାନିତ ଶିକ୍ଷକ।

# ‘ସୁଭଦ୍ରାରେ ଆବେଦନ ପାଇଁ ଶେଷ ତାରିଖ ନାହିଁ’



ଖବରଦାତା ସମ୍ମିଳନୀରେ ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ସହ ଅଧିକାରୀମାନେ।

ଭଦ୍ରକ,୬।୯(ସନାତନ ରାଉତ)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଆବେଦନ ପାଇଁ କୌଣସି ଶେଷ ତାରିଖ ନାହିଁ। ଏଣୁ ଆବେଦନକାରୀମାନେ ବ୍ୟସ୍ତବିବ୍ରତ ନ ହେବାକୁ ଏହି ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ, ଜିଲାର ୨୪୩୫ ଅଙ୍ଗନୱାଡ଼ି କେନ୍ଦ୍ରରେ ଫର୍ମ ବିତରଣ

#### ଆଜିଠୁ ବୁଲିବ ସଚେତନତା ରଥ

କରାଯାଉଛି। ଜିଲାରେ ୧୦୮୬ଟି ଜନସେବା କେନ୍ଦ୍ର ଓ ୨୯୧ଟି ମୋ ସେବା କେନ୍ଦ୍ରରେ ଫର୍ମ ଅନ୍‌ଲାଇନରେ ଆବେଦନ କରିପାରିବେ। ଆଧାର ଅପ୍‌ଡେଟ ପାଇଁ ୪୦ଟି ଆଧାର କେନ୍ଦ୍ର ଚିହ୍ନଟ କରାଯାଇଛି। ଜିଲା ପାଇଁ ମୁଦ୍ରିତ ୬ଲକ୍ଷ ଆବେଦନ ଫର୍ମରୁ ୪ ଲକ୍ଷ ୫୦ ହଜାର ଫର୍ମ ବିତରଣ ସରିଛି। ଆବଶ୍ୟକ ମୁତାବକ ଫର୍ମ ଯୋଗାଇ ଦିଆଯିବ। ଚଳିତମାସ ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅବସରରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନର ଶୁଭାରମ୍ଭ କରାଯିବ। ୨୦୨୫ ମାର୍ଚ୍ଚ ସୁଦ୍ଧା ଯୋଗ୍ୟ ହିତାଧିକାରୀଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। କୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିଶୁଳ୍କ ହେଲ୍ପଲାଇନ୍ ୧୪୬୭୮ରେ ଯୋଗାଯୋଗ କରିପାରିବେ। ଶନିବାରଠାରୁ ୧୬ ତାରିଖ ମଧ୍ୟରେ ଜିଲାରେ ସୁଭଦ୍ରା ସଚେତନତା ରଥ ପରିକ୍ରମା କରିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ସୁଭଦ୍ରା ଯୋଜନାର ଜିଲା ନୋଡାଲ ଅଧିକାରୀ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଖବରଦାତା ସମ୍ମିଳନୀର ଆବାହକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲୁଣାପାଣି ମାଡ଼ି ନଷ୍ଟହେଉଛି ଚାଷ

ଚାନ୍ଦବାଲି,୬।୯(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଦେଇ ପ୍ରବାହିତ ବୈତରଣୀର ଶାଖା ଗଳିଆ ନଦୀରେ ନିର୍ମିତ ୭ଟି ସ୍ଲୁଇସ୍ ଗେଟ୍ ମଧ୍ୟରୁ ୪ଟି ଅଧାପନ୍ତରିଆ ଅବସ୍ଥାରେ ରହିଛି। ଆଉ ୩ଟି ଗେଟ୍ ଖୋଲାଯାଉ ନାହିଁ। ଫଳରେ ହଜାର ହଜାର ହେକ୍ଟର ଚାଷଜମିରେ ଲୁଣାପାଣି ମାଡ଼ି ଚାଷ ନଷ୍ଟ ହେଉଛି। ସ୍ଲୁଇସ୍ ଗେଟ୍‌ରେ ଲୁଣାପାଣି ନିଷ୍କାସନ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଚାନ୍ଦବାଲି ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଗେଟ୍ ଖୋଲି ଲୁଣାପାଣି ନିଷ୍କାସନ ପାଇଁ ଚାଷୀମାନେ ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ହଜାର ହଜାର ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସଙ୍ଗଠନର ବ୍ଲକ ସଂଯୋଜକ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଉତୁକୁଡ଼ା, ଚରଦିଆ, ନଳଗୋହିରା, ବିଜୟନଗର, ଓରାସାହି, କାଣ୍ଡଗରଡ଼ି ଆଦି ପଞ୍ଚାୟତର ଶତାଧିକ




ଦାବିପତ୍ର ପ୍ରଦାନ ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବାହାରିଥିବା ପଦଯାତ୍ରା।

#### ସ୍ଲୁଇସ୍ ଗେଟ୍‌ରେ ନିଷ୍କାସନ ଦାବି

ଚାଷୀ ସ୍ଥାନୀୟ କାଳୀମନ୍ଦିର ନିକଟରୁ ପଦଯାତ୍ରାରେ ଯାଇ ଅତିରିକ୍ତ ତହସିଲଦାର ଠାକୁର ଦାସ ନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ସଙ୍ଗଠନର ବ୍ଲକ ସଂଯୋଜକଙ୍କ ସହ ବିଜୟନଗର ସରପଞ୍ଚ ଦିଲୀପ ରାଉତ, ପ୍ରଫୁଲ୍ଲ ଦାସ, ବିଜୟ ରାଉତ, ଦୁର୍ଯ୍ୟୋଧନ ରାଉତ, ପ୍ରେମାନନ୍ଦ ମଲ୍ଲିକ, କୈଳାସ ଦାସ, ପ୍ରଫୁଲ୍ଲ ପ୍ରଧାନ, ପୀତାମ୍ବର ସ୍ୱାଇଁ, ଧୀରେନ୍ଦ୍ର ପ୍ରଧାନ, ଗୌରହରି ବେହେରା, ହେମନ୍ତ ନାୟକ, ସୁରେନ୍ଦ୍ର ନାୟକ, ଭକ୍ତଚରଣ ସାହୁ, ସୁବାସ ଚନ୍ଦ୍ର ନାୟକ, ଉପେନ୍ଦ୍ର ଦାସ, ଭୀମସେନ ଦାସ, ଲୋକନାଥ ବିଶ୍ୱାଳ, ମୁରଲୀଧର ଜେନା, ସନ୍ଥଚରଣ ନାୟକ, ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ନିଲମ୍ବନ କଲେ ଶିକ୍ଷା ଅଧିକାରୀ

ସିମୁଳିଆ, ୬।୯(ସନ୍ତୋଷ ନାୟକ)- ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ଗୋପୀବିନ୍ଧା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜିବ କୁମାର ନାୟକଙ୍କୁ ମଙ୍ଗଳବାର ସିମୁଳିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ ପତ୍ର ସଂଖ୍ୟା ୧୭୯୭/୨୪ରେ ନିଲମ୍ବିତ କରିଛନ୍ତି। ଉକ୍ତ ଶିକ୍ଷକ ଜଣଙ୍କ ଲଗାତର ନିଶାସକ୍ତ ରହିବା ସହିତ ମଙ୍ଗଳବାର ମଦ ପିଇ ବିଦ୍ୟାଳୟ ପରିସରରେ ପଡିଥିବା ଦେଖିବାକୁ ମିଳିଥିଲା। ସୂଚନା ଯେ, ସହକାରୀ ଶିକ୍ଷକ ନାୟକ ବିଦ୍ୟାଳୟକୁ ମଦ ପିଇ ଆସିବା, ବିଭିନ୍ନ ସ୍ଥାନରେ ପଡ଼ିବା ଘଟଣା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ଲଗାତର ଅଭିଯୋଗ କରିବା ସହିତ ଫଟୋ ଓ ଭିଡ଼ିଓ ଉଠାଇ ପଠାଇବା ସମ୍ପର୍କରେ ବିଇଓ ମହାଳିକ ସୂଚନା ଦେଇଛନ୍ତି। ସହକାରୀ ଶିକ୍ଷକ ସଞ୍ଜିବ ନାୟକଙ୍କ ନିଲମ୍ବନ ପତ୍ର ସିଆରସିସି ଗୌରାଙ୍ଗ ସୂତାରଙ୍କୁ ପ୍ରଦାନ କରିଛନ୍ତି। ନିଲମ୍ବିତ ଶିକ୍ଷକ ଗତ ୨୦୧୩ରୁ ଏହି ବିଦ୍ୟାଳୟର ସହକାରୀ ଶିକ୍ଷକ ରୂପେ ଥିଲେ।

# ଜୀବିକା ମିଶନ ଇସି ସଂଘର ବିକ୍ଷୋଭ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/(ଅମୂଲ୍ୟ କୁମାର ଦାସ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୬।୯



ବାଲିଆପାଳ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ସଭାନେତ୍ରୀ ଭାରତୀ ସାହୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ବାଲିଆପାଳ ଏବିଡିଓ ଶରତ ଚନ୍ଦ୍ର ମୁଦୁଲିଙ୍କୁ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ବିଭିନ୍ନ ପଞ୍ଚାୟତରୁ ସଂଘର ଶତାଧିକ ମହିଳା ଏକାଠି ହୋଇ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ଜାମକୁଣ୍ଡା, ପାଟୁଳିଆ ଛକ ଦେଇ ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ଦାବିପୂରଣ ଦିଗରେ ବିଭିନ୍ନ ନାରା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ମିଶନଶକ୍ତି ଅଧୀନ ଜୀବିକା ମିଶନ ଇସିମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ପ୍ରଦାନ, ମୁଣ୍ଡପିଛା ଭତ୍ତା ପ୍ରଦାନ, ସହରାଞ୍ଚଳରେ କାର୍ଯ୍ୟରତ ଇସିଙ୍କୁ ମାସିକ ଭତ୍ତାର ସୁନିଶ୍ଚିତ କରାଯିବା, ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଦିଆଯିବା ସହିତ ସାମାଜିକ ନିରାପତ୍ତା ପାଇଁ, ମିଶନ ଶକ୍ତି ଅଧୀନ ଜୀବିକା ମିଶନ ଇସିମାନଙ୍କୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବୀମାର ସୁବିଧା ପ୍ରଦାନ କରାଯିବା, ମିଶନ ଶକ୍ତି ଇସିମାନଙ୍କ କାର୍ଯ୍ୟକାଳ ୬୫ବର୍ଷ ଯାଏ ଧାର୍ଯ୍ୟ କରାଯିବା, ମିଶନ ଶକ୍ତି ଇସିମାନେ ସେବାରୁ ନିବୃତ୍ତ ହେବା ବେଳେ ୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ, କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁବରଣ କଲେ ତାଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ, ଗୃହ ନିର୍ମାଣ ସହାୟତା ଓ ସେବା ନିବୃତ୍ତି ପରେ ମାସିକ ପେନ୍‌ସନ ବ୍ୟବସ୍ଥା କରାଯିବା ସହିତ ଅଗଷ୍ଟ ୨୮ରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ବାଲିଆପାଳ ବ୍ଲକ ସଭାପତିଙ୍କ ଉପରେ ଆକ୍ରମଣ କରିଥିବା ମହିଳାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଦୀର୍ଘଦିନ ଧରି ଦାବି ପୂରଣ ହେଉ ନ ଥିବାରୁ ଆସନ୍ତା ୧୧ରେ ବିଧାନସଭା ଘେରାଉ ହେବ ବୋଲି ସଂଘର ବାଲିଆପାଳ ବ୍ଲକ ସଭାପତି ପ୍ରଭାତି ସାହୁ, ସେକ୍ରେଟେରୀ ସ୍ନେହଲତା ବେହେରା, ସଦସ୍ୟା ସୁଶାନ୍ତି ବେହେରା, ବାସନ୍ତି ବେହେରା, ବାସନ୍ତି ଜେନା, ଦେବଜାନୀ ଦାସ , ଗାୟତ୍ରୀ ପାତ୍ର, ଅନ୍ନପୂର୍ଣ୍ଣା ସ୍ୱାଇଁ ଓ ପ୍ରମିଳା ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଚନ୍ଦ୍ରକଣା, ଦେଶୀ ବାଲିପାନକୁ ଜିଆଇ ଟ୍ୟାଗ୍ ମିଳୁ

### ପାନଚାଷକୁ କୃଷିଭିତ୍ତିକ ଚାଷର ମାନ୍ୟତା ଦାବି

ବାଲେଶ୍ୱର, ୬।୯(ବାଞ୍ଛାନିଧି ଦେ)


ବିଧାନସଭାରେ ବିଧାୟିକା ସୁବାସିନୀ ଜେନା ପ୍ରଶ୍ନ ଉପସ୍ଥାପନ କରୁଛନ୍ତି।

ବିଧାନସଭାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସମ୍ପର୍କିତ ବଜେଟ୍‌ର ଖର୍ଚ୍ଚ ଦାବି ଆଲୋଚନାରେ ବସ୍ତା ବିଧାୟିକା ସୁବାସିନୀ ଜେନା ଭାଗ ନେଇଥିଲେ। ପାନ ଚାଷକୁ କୃଷିଭିତ୍ତିକ ଚାଷର ମାନ୍ୟତା ସହ ଚନ୍ଦ୍ରକଣା ଓ ଦେଶୀ ବାଲିପାନକୁ ଜିଆଇ ଟ୍ୟାଗ୍ ପ୍ରଦାନ ନିମନ୍ତେ ଦାବି କରିଥିଲେ। କୃଷି ଆମ ରାଜ୍ୟର ଜୀବନରେଖା। ଏହା ରାଜ୍ୟର ୪୫% ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇଥାଏ ଏବଂ ୬୦% ଲୋକ ଏହା ଉପରେ ନିର୍ଭରଶୀଳ। ରାଜ୍ୟରେ ହଜାର ହଜାର ଚାଷୀ ପାନ ଚାଷକୁ ଜୀବିକା ଭାବେ ଆପଣାଇଛନ୍ତି। ବାଲେଶ୍ୱର ଜିଲାର ବାଲିଆପାଳ ଓ ଭୋଗରାଇ ଅଞ୍ଚଳର ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ ଲୋକ ପାନ ଚାଷ ଉପରେ ନିର୍ଭର କରନ୍ତି। ଦୈବୀ ଦୁର୍ବିପାକ ସମୟରେ ଚାଷ କ୍ଷତିଗ୍ରସ୍ତ ହେଲେ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛି। ତେଣୁ ଚାଷୀକୁ କ୍ଷତିପୂରଣ ଦେବା ଏବଂ ପାନ ଚାଷକୁ କୃଷି ଭିତ୍ତିକ ଚାଷର ମାନ୍ୟତା ଦେବା ସହିତ ଆମ ଅଞ୍ଚଳର ଚନ୍ଦ୍ରକଣା ପାନ ଓ ଦେଶୀ ବାଲିପାନକୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ଦେବାକୁ ବିଧାୟିକା ଦାବି କରିଥିଲେ। ଏଥିସହିତ ଜିଲାର ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ଅଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ବ୍ୟାପକ ପରିମାଣରେ ପନିପରିବା ଚାଷ ନଷ୍ଟ ହେଉଛି। ଏପରିକି ମାଙ୍କଡ଼ଙ୍କ ଆକ୍ରମଣରେ ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଫଳରେ ଚାଷୀମାନେ ପନିପରିବା ଚାଷ କରିବାକୁ ବୀତସ୍ପୃହ ହେଉଛନ୍ତି। ତେଣୁ ମାଙ୍କଡଙ୍କ ଦ୍ୱାରା ନଷ୍ଟ ହୋଇଯାଉଥିବା ପନିପରିବା ଓ ଫଳ ଚାଷର କ୍ଷତିପୂରଣ ଚାଷୀଙ୍କୁ ପ୍ରଦାନ କରିବାକୁ ବିଧାୟିକା ଜେନା ଦାବି କରିଥିଲେ।

## ‘ସଭ୍ୟ ଜମିଦାର’ର ନାଟ୍ୟରୂପ ପ୍ରଦର୍ଶିତ

### ଶାନ୍ତିକାନନରେ ଶିଶୁ ଉତ୍ସବ

ବାଲେଶ୍ୱର, ୬।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରସ୍ଥିତ କବିତୀର୍ଥ ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶିଶୁ ଉତ୍ସବ ପାଳିତ ହୋଇଛି। ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କବୟିତ୍ରୀ ମନୋରମା ବିଶ୍ୱାଳ ମହାପାତ୍ର ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଯୋଗଦେଇ ଶିଶୁଙ୍କ ପ୍ରତିଭାରେ ରାଷ୍ଟ୍ରର ଗାରିମା ନିର୍ଭର କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରାଧ୍ୟାପିକା ଜୟନ୍ତୀ ବିଶ୍ୱାଳ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ରେମୁଣାସ୍ଥିତ ମହାବୀର ହାଇସ୍କୁଲ ପ୍ରାୟୋଜିତ ଉତ୍ସବରେ ପରିଷଦ ସମ୍ପାଦକ ଦୀପକ ବୋଷ ପ୍ରାକ୍ ବକ୍ତବ୍ୟ ଦେଇଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଫକୀରମୋହନଙ୍କ ରଚିତ ଗଳ୍ପ ‘ସଭ୍ୟ ଜମିଦାର’ର ନାଟ୍ୟରୂପ ପ୍ରଦର୍ଶିତ ହୋଇଥିଲା। ରାଧାରଞ୍ଜନ ଦାସ ଏହି ଗଳ୍ପକୁ ନାଟ୍ୟରୂପ ଦେଇଥିବା ବେଳେ ଡ. ଭାଗବତ ପ୍ରସାଦ ଦାସ ନିର୍ଦ୍ଦେଶନା ଦେଇଥିଲେ। କବି ବ୍ରଜନାଥ ରଥଙ୍କର ଏକ କବିତାକୁ ଛାତ୍ର ଦେବାଶିଷ ସିଂହ ଆବୃତ୍ତି କରିଥିଲେ। ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ସମ୍ପାଦକ ରାଧାଗୋବିନ୍ଦ ମହାର୍ଣ୍ଣା ଓ ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ।

## ‘ଜୁଡିସିଆଲ ହବ୍’, ‘କୃଷି ମହାବିଦ୍ୟାଳୟ, ଗବେଷଣା କେନ୍ଦ୍ର’ ପ୍ରତିଷ୍ଠା ଦାବି

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ


ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାଲେଶ୍ୱର, ୬।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରର ଆଇଟିଆଇ ଛକ ନିକଟ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଜମିରେ ଜୁଡିସିଆଲ ହବ୍ ଏବଂ ଜିଲାରେ ଏକ ‘କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର’ ପ୍ରତିଷ୍ଠା ନିମନ୍ତେ ବିଧାୟକ ମାନସ କୁମାର ଦତ୍ତ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ବାଲେଶ୍ୱର ଗସ୍ତ ଅବସରରେ ଜୁଡିସିଆଲ ହବ୍ ପାଇଁ ଆଇଟିଆଇ ଛକ ନିକଟ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଜମିକୁ ପସନ୍ଦ କରିଥିଲେ। ଏହି କ୍ରମରେ ବାଲେଶ୍ୱର ଜିଲା ଓ ଦୌରାଜଜ୍ ଏବଂ ଜିଲାପାଳ ଗତ ଅଗଷ୍ଟ ୨୦ତାରିଖରେ ପତ୍ର ସଂଖ୍ୟା ୪୯୪୩ ମାଧ୍ୟମରେ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଜମିକୁ ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦେଇଛନ୍ତି। ଜଳସମ୍ପଦ ବିଭାଗର ଜମିକୁ ଜୁଡିସିଆଲ ହବ୍ ପ୍ରତିଷ୍ଠା ପାଇଁ ହସ୍ତାନ୍ତର ସହ ବର୍ତ୍ତମାନ ପରିଚାଳିତ ବିଚାର ବିଭାଗ ଅଧୀନ ଗୃହଗୁଡ଼ିକରେ ଜଳସେଚନ ବିଭାଗକୁ ସ୍ଥାନାନ୍ତର ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସମ୍ପୃକ୍ତ ଜମି ଅଧିଗ୍ରହଣ ହେବା ପରେ ସରକାର ବାଲେଶ୍ୱରରେ ଜୁଡିସିଆଲ ହବ୍ ପ୍ରତିଷ୍ଠା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାନସଭାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଥିଲେ। ସେହିପରି ଜିଲାରେ କୃଷି ଉପରେ ପ୍ରୋତ୍ସାହନ ଓ ଗବେଷଣା ପାଇଁ ନୂତନ ‘କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର’ ପ୍ରତିଷ୍ଠା ପାଇଁ ବିଧାୟକ ଦତ୍ତ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। କୃଷିର ଉନ୍ନତି ନିମିତ୍ତ ଆନୁଷଙ୍ଗିକ ଜଳସେଚନ, ଉତ୍ପାଦିତ ଶସ୍ୟାଦିର ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା, ଉତ୍ପାଦିତ ସାମଗ୍ରୀ ବିକ୍ରୟର ସୁବ୍ୟବସ୍ଥା ଏବଂ କୃଷିଭିତ୍ତିକ ଶିଳ୍ପ ପାଇଁ ବାଲେଶ୍ୱର ଜିଲା ଏଯାବତ ସୁଯୋଗ ସୃଷ୍ଟି ହୋଇପାରିନାହିଁ ବୋଲି ବିଧାୟକ ଦତ୍ତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ‘ଶିକ୍ଷକ ହିଁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କରନ୍ତି’

### ଏଫ୍‌ଏମ୍‌ୟୁରେ ‘ଗୁରୁ ଦିବସ’

ବାଲେଶ୍ୱର, ୬।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ)ରେ ‘ଗୁରୁ ଦିବସ’ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସମଗ୍ର ବିଶ୍ୱରେ ଶିକ୍ଷାବିତ୍‌ଙ୍କ ଅବଦାନକୁ ସମ୍ମାନ ଏବଂ ପ୍ରଶଂସା କରିବା ପାଇଁ ଏହି ଦିବସ ଉତ୍ସର୍ଗୀକୃତ। ଶିକ୍ଷକମାନେ ଜ୍ଞାନ ପ୍ରଦାନ, ସମାଲୋଚିତ ଚିନ୍ତାଧାରା ଏବଂ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇ ଭବିଷ୍ୟତ ନିର୍ମାଣ କରିଥାନ୍ତି ବୋଲି କହିଥିଲେ। ଉଭୟ କ୍ୟାମ୍ପସର ସମସ୍ତ ବିଭାଗ ମୁଖ୍ୟ, ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଣଶିକ୍ଷକ କର୍ମଚାରୀଙ୍କ ଦ୍ୱାରା କୁଳପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗୁରୁ ପୂଜା ସହ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପରିବେଶ ବିଜ୍ଞାନ ବିଭାଗ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ଗହଣରେ କୁଳପତି।

## ଅଙ୍ଗନୱାଡି କର୍ମୀଙ୍କ ଦରମା ବନ୍ଦ

ବାଲେଶ୍ୱର, ୬।୯(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ସୁଭଦ୍ରା ଯୋଜନା ଆବେଦନ ଫର୍ମ ବଣ୍ଟନରେ ଅବହେଳା କରିଥିବା ଜଣେ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାଲିଆପାଳ ଆଇସିଡିଏସ୍ ଅଧୀନ ରେମୁ-୨ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଗୀତାଞ୍ଜଳି ସିଂ ହିତାଧିକାରୀଙ୍କୁ ଏହି ଯୋଜନା ପାଇଁ ଆବେଦନ ଫର୍ମ ବଣ୍ଟନରେ ନିଜ ଦାୟିତ୍ୱରେ ଅବହେଳା କରିଥିବା ଅଭିଯୋଗ ହୋଇଥିଲା। ଏହି ଅବହେଳାର ପରିଣାମ ସ୍ୱରୂପ ଅଙ୍ଗନୱାଡି କର୍ମୀ ସିଂଙ୍କର ଏକ ମାସର ଦରମା ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୁଭଦ୍ରା ଯୋଜନାରେ ଆବେଦନ ଫର୍ମ ବଣ୍ଟନରେ ତ୍ରୁଟିକୁ ରୋକିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

## କାଣ୍ଡଗରଡ଼ି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗଣଧାରଣା

ନୀଳଗିରି, ୬।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ କାଣ୍ଡଗରଡ଼ି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ୬ ଦଫା ଦାବି ନେଇ ସ୍ଥାନୀୟ ବାସିନ୍ଦା ଗୁରୁବାର ଗଣଧାରଣା ଦେଇଛନ୍ତି। ଗତ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ପ୍ରତିଶ୍ରୁତି ଦେଇ ଶାସନ ଗାଦିକୁ ଆସିବା ପରେ ପ୍ରତିଶ୍ରୁତି ପାଳନ କରିବାରେ ପଛଘୁଞ୍ଚା ଦେଉଛି।

ଦାବିଗୁଡିକ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ ୩ହଜାର ଟଙ୍କାର ମାସିକ ଭତ୍ତା, ସୁଭଦ୍ରା ଯୋଜନାରେ ସମସ୍ତ ମହିଳାଙ୍କୁ ସାମିଲ କରି ବାର୍ଷିକ ୫୦ହଜାର ଟଙ୍କା ପ୍ରଦାନ, ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତଦେୟ ଛାଡ଼, ନୀଳଗିରି ବଉଳଗଡ଼ିଆ ରାସ୍ତାର ଦୁରବସ୍ଥା ଯୋଗୁ ଚଳପ୍ରଚଳ ହେବା ଅସମ୍ଭବ ହୋଇଥିବାରୁ ତୁରନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା, କାଣ୍ଡଗରଡ଼ି ପଞ୍ଚାୟତର କିଛି ବେଆଇନ କାର୍ଯ୍ୟ ଓ କାର୍ଯ୍ୟାଳୟକୁ ଅପବ୍ୟବହାର ନ କରିବା ଆଦି ଅନ୍ତର୍ଭୁକ୍ତ। ସଭାରେ ସ୍ଥାନୀୟ ବିଜେଡି ସଙ୍ଗଠକ ଶଶୀକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, କାଣ୍ଡଗରଡ଼ି ପଞ୍ଚାୟତ ପିଏସ୍ ମେମ୍ବର ଭାଗବତ ଖିଲାର, ନାଏବ ସରପଞ୍ଚ ମୋନାଲିସା ବଳ, ଗଙ୍ଗାଧର ମିଶ୍ର, ଉଦୟଜ୍ୟୋତି ମହାନ୍ତି, ଗୌରହରୀ ପରିଡ଼ା, ଲକ୍ଷ୍ମୀଧର ବାରିକ, ଈଶ୍ୱର ଚନ୍ଦ୍ର ନାୟକ ପ୍ରମୁଖ ସରକାରଙ୍କ ଉପରେ ବର୍ଷିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଜୀବନ ଗଲା

ବୈଶିଙ୍ଗା,୬।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଗ୍ରାମର ସନ୍ୟାସୀ ଦଲେଇଙ୍କର ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ସ୍ତ୍ରୀ ସତ୍ୟଭାମାଙ୍କ ସହିତ ସେ ନିଜ ଫାର୍ମ ହାଉସରେ ଘାସ କାଟୁଥିଲା ବେଳେ ନିକଟରେ ଥିବା ଲୁହାର ବିଦ୍ୟୁତ୍ ଖୁଣ୍ଟି ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ପାନୀୟଜଳ ବିଭାଗର ବୈଶିଙ୍ଗା ପଞ୍ଚାୟତର ଏସିଏମ୍ ଭାବେ କାର୍ଯ୍ୟ କରି ଆସୁଥିଲେ। ଖବର ପାଇ ବୈଶିଙ୍ଗା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଉଦଳା କଲେଜ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ଉଦଳା,୬।୯(ସନ୍ତୋଷ କୁମାର ବାଛିନୀ)

ଉଦଳା ମହାବିଦ୍ୟାଳୟ ପ୍ରତିଷ୍ଠାର ୬୦ ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ପାଳନ ହେବ। ଏନେଇ କଲେଜ ଅଧ୍ୟକ୍ଷ ଡ. ଯତୀନ କୁମାର ମାହାକୁଡ଼ଙ୍କ ସଭାପତିତ୍ୱରେ ପୁରାତନ ଛାତ୍ର ସଂଘର ସଂଯୋଜକ ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ସଂଘର ସଭାପତି ଡ: ସଚ୍ଚିଦାନନ୍ଦ ପରିଡା, ଅଜୟ କୁମାର ବେହେରା, ଜୟଗୋପାଳ ରାୟ, ଶରତ ଚନ୍ଦ୍ର ଦାସ, ନାରାୟଣ ପଟ୍ଟନାୟକ, ପ୍ରହଲ୍ଲାଦ ଦାସ, ଚିତ୍ତରଞ୍ଜନ ବାରିକଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୦୨୫ ନଭେମ୍ବର ମାସରେ ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ ଆପାତତଃ ସ୍ଥିର କରାଯାଇଛି। ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କୁ ଅତିଥି ଭାବରେ ଆମନ୍ତ୍ରଣ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ଆସନ୍ତା ୨୬ରେ ମହାବିଦ୍ୟାଳୟ ପରିସରରେ ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପୁରାତନ ଛାତ୍ରୀଛାତ୍ର, ଅବସର ପ୍ରାପ୍ତ ଅଧ୍ୟାପକ, କର୍ମଚାରୀ ଓ ସ୍ଥାନୀୟ ଜନପ୍ରତିନିଧି ଯୋଗ ଦେବାକୁ ଅନୁରୋଧ କରାଯାଇଛି।

## ରାସ୍ତା ଉପରେ ଜମୁଛି ବର୍ଷାଜଳ

### ନିଷ୍କାସନ ପାଇଁ ଜିଲାପାଳଙ୍କଠାରେ ଦାବି

ଖଇରା, ୬।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ସଦର ମହକୁମାକୁ ସଂଯୋଗ କରୁଥିବା ଆଳଦ-ଡୁଙ୍ଗୁରା ରସ୍ତା ଆରମ୍ଭରେ ଆଳଦା ଛକରେ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ୧ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଛି। ରାସ୍ତାର ଦୁଇ ପାର୍ଶ୍ୱର ନୟନଯୋରିକୁ ପୋତି ଦିଆଯାଇଥିବା ବେଳେ ସମୟ ଅନୁଯାୟୀ ରାସ୍ତାକୁ ଉଚ୍ଚା କରାଯାଉନାହିଁ । ଫଳରେ ସାମାନ୍ୟ ବର୍ଷା ପରେ ଜଳ ଜମିବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ପ୍ରତ୍ୟେକ ଦିନ ରାସ୍ତା ବ୍ୟବହାର କରି ଯାଉଥିବା ଶହ ଶହ ସଂଖ୍ୟାର ସ୍କୁଲ କଲେଜ ପିଲା ପାଣି ଭିତରେ ପଶି ଅକଥନୀୟ ଦୁର୍ଦ୍ଦଶାର ଶିକାର ହୋଇ ଯାତାୟାତ କରୁଛନ୍ତି। ବର୍ଷକ ମଧ୍ୟରୁ ୮ମାସ ଧରି କୃତ୍ରିମ ବନ୍ୟା ପରିସ୍ଥିତି ଲାଗି ରହିଥିବାରୁ ପରିବେଶ ଅସ୍ୱାସ୍ଥ୍ୟକର ହୋଇପଡିଛି। ଜଳ ନିଷ୍କାସନ ବ୍ୟବସ୍ଥା ଲାଗି ଏହି ରାସ୍ତାରେ ଦୈନିକ ଯାତାୟାତ କରୁଥିବା ଯାତ୍ରୀ କମଳାକାନ୍ତ ଦାସ, ନରେନ୍ଦ୍ର ପ୍ରସାଦ ବେହେରା, ରଞ୍ଜନ କୁମାର ମହାନ୍ତି, ଅକ୍ଷୟ କୁମାର ବେହେରା, ନିବେଦିତା ମୁଦୁଲି, ଅଶୋକ ବେଜ ଓ ପଦ୍ମଲୋଚନ ଦାସ ପ୍ରମୁଖ ଶୁକ୍ରବାର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରା ନ ଯାଏ ତେବେ ହଜାର ହଜାର ସଂଖ୍ୟାର ଯାତ୍ରୀ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।


ଆଳଦା ଛକ ଖଇରା-ଡୁଙ୍ଗୁରା ରାସ୍ତାରେ ଜମି ରହୁଥିବା ବର୍ଷାଜଳ।

## ବ୍ଲକସ୍ତରୀୟ ଅବସରକାଳୀନ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ



ବାହାନଗା, ୬।୯(ଅରୂପ୍ କୁମାର ଦାସ)

ଗୁରୁଦିବସ ପାଳନ ଅବସରରେ ବାହାନଗା ବ୍ଲକସ୍ତରୀୟ ତୃତୀୟ ଅବସରକାଳୀନ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଆୟୋଜନ କରାଯାଇଥିଲା। ବାହାନଗାସ୍ଥିତ ଦରଡିଆଠାରେ ଥିବା ଚେମା ପୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ସମିତି ସଭାପତି ସୁଦର୍ଶନ ପାଣିଗ୍ରାହୀ। ମୁଖ୍ୟଅତିଥି ଭାବେ ବିଡିଓ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଫକୀରମୋହନ ସାହିତ୍ୟ ସଂସଦର ସଭାପତି ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ଜଣେ ଛାତ୍ରୀଛାତ୍ରର ଗତିପଥ ବଦଳାଇବା ଜଣେ ଶିକ୍ଷକର ମୁଖ୍ୟ ଭୂମିକା ବୋଲି ପ୍ରକାଶ କରିଥିଲେ। ଏଥିରେ ବାହାନଗା ବ୍ଲକ ସହ ଶିକ୍ଷାଧିକାରୀ ମାଣିକ ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସିପିୟୁପି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁକ୍ତିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ବ୍ଲକର ୧୯ ଜଣ ଅବସର ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯିବା ସହିତ ସେମାନଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରିଥିଲେ। କହ୍ନେଇକର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଇନ୍ଦ୍ରଜିତ ସାହୁ ଏବଂ ପଣ୍ଡାଶୁଣି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଭୋଇ ମଞ୍ଚ ସଂଯୋଜନା କରିଥିଲେ।

## ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଇରଙ୍ଗପୁର,୬।୯(ମାନସ ମହାନ୍ତି)

ରାଇରଙ୍ଗପୁର କଚେରି ପଡ଼ିଆ ପରିସରରେ ବାମନ ଘାଟି ଫୁଟବଲ୍ ଆସୋସିଏସନ ପକ୍ଷରୁ ୩ ଦିନିଆ ଫୁଟବଲ ଚାମ୍ପିୟନସିପ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ରାଇରଙ୍ଗପୁର ଉପଖଣ୍ଡର ବିଭିନ୍ନ ଗ୍ରାମରୁ ମୋଟ ୧୬ଟି ଫୁଟବଲ ଟିମ୍ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଫୁଟବଲ ଆସୋସିଏସନର ସଭାପତି କିଶୋର ମହାନ୍ତ ଏବଂ ସମ୍ପାଦକ ଦିଲ୍ଲୀପ ମାଝୀଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ପୁତୁରା ମାଡ଼ରେ ଖୁଡ଼ୀ ଗୁରୁତର

ଛେନାପଦୀ(ନିରାକାର ପରିଡ଼ା): କେନ୍ଦୁଝର ଜିଲା ନନ୍ଦିପଦା ଥାନା ତଥା ଶାସଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅସିଆ ଗ୍ରାମରେ ଶୁକ୍ରବାର ଜନୈକ ପୁତୁରା ମାଡ଼ରେ ଖୁଡ଼ୀ, ଭଉଣୀ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ଖୁଡ଼ୀ ପାଲେନ ହୋ(୬୦) ଓ କକା ଝିଅ ଭଉଣୀ କୁନି ହୋ(୧୭)। ଉଭୟଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

**କେନ୍ଦୁଝର**

# ଅସ୍ଥାୟୀ କର୍ମଚାରୀଙ୍କୁ ୧.୭୦ କୋଟି ଅଗ୍ରିମ ଦରମା

କେନ୍ଦୁଝର, ୬।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ବ୍ୟାପକ ହେରଫେର ଅଭିଯୋଗ ହୋଇଆସୁଛି। ଏହାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସବୁ ସମୟରେ ଶାସକ ଓ ବିରୋଧୀ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। ପାଣ୍ଠି ପରିଚାଳନା ପାଇଁ ମୋଟା ଦରମାରେ ଅସ୍ଥାୟୀ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଥିରେ ଜିଲା ବାହାରର ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିଥିବା ବେଳେ ଅଗ୍ରିମ ଆଗରେ ୧.୭୦ କୋଟି ପ୍ରଦାନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଅଦ୍ୟାବଧି ଜିଲା ଖଣିଜ ପ୍ରତିଷ୍ଠାନର ନିଜସ୍ୱ ଅଫିସ ଗୃହ (ପ୍ରୋଜେକ୍ଟ ମ୍ୟାନେଜ୍‌ମେଣ୍ଟ ୟୁନିଟ୍) ନାହିଁ। ଏହା ସରକାରୀ କୋଠାରେ ଚାଲିଥିବା ବେଳେ ଏହାର ନିଯୁକ୍ତି ଆଉଟ୍‌ସୋର୍ସିଂ ସଂସ୍ଥା ଦ୍ୱାରା କରାଯାଉଛି। ଅନେକ ହଜାର କୋଟି ଟଙ୍କାର କାରବାର ବିନା ସର୍ତ୍ତ ଓ ଗ୍ୟାରେଣ୍ଟିରେ ଘରୋଇ କର୍ମଚାରୀଙ୍କ ହାତରେ ଚାଲିଛି। ଏହି ଅଫିସରେ ୧୨ ଜଣ କର୍ମଚାରୀ କାମ କରୁଥିବା ବେଳେ ବିଭିନ୍ନ ବ୍ଲକ୍‌ରେ ଓ ବିଭିନ୍ନ ବିଭାଗରେ ପାଖାପାଖି ୪ ଶହ କର୍ମଚାରୀ କାମ କରୁଥିବା ଜଣାପଡ଼ିଛି। ପିଏମ୍‌ୟୁରେ କାମ କରୁଥିବା ୧୨ ଜଣ ଅସ୍ଥାୟୀ କର୍ମଚାରୀ ମାସିକ ଦରମା ବାବଦକୁ ୧୭,୫୯,୫୦୦ ଟଙ୍କା ନେଇଥାନ୍ତି। ମାତ୍ର ଏହି କାର୍ଯ୍ୟାଳୟରେ କାମ କରୁଥିବା ସରକାରୀ କର୍ମଚାରୀମାନେ

**ଡିଏମ୍‌ଏଫ୍‌ର ଦୁରୁପଯୋଗ**

କମ୍ ଦରମାରେ ଅଧିକ ଦାୟିତ୍ୱ ସମ୍ପନ୍ନ କାମ କରୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ନିରୁତ୍ସାହ ଭାବ ଲାଗି ରହିଥାଏ। ତେବେ ଏହି କର୍ମଚାରୀ ନିଯୁକ୍ତି ଏକ ଆଉଟସୋର୍ସିଂ କରିଥାଏ। ସେମାନଙ୍କର କୌଣସି ଚାକିରି ସର୍ତ୍ତାବଳୀ କିମ୍ବା ଉତ୍ତରଦାୟିତ୍ୱ ନାହିଁ। ଜିଲାକୁ ଉପେକ୍ଷା କରି ବାହାରୁ ନିଯୁକ୍ତି ଦିଆଯାଇଥିବା ବେଳେ ଅନେକ ସମୟରେ ନିଜର ସମ୍ପର୍କୀୟ ଓ ପରିଚିତ ଲୋକଙ୍କୁ ଥଇଥାନ କରାଯାଉଥିବା ନେଇ ଅଭିଯୋଗ ହେଉଛି। ଜଣେ ପୂର୍ବତନ ଅଧିକାରୀଙ୍କ ପୁଅ ସୁନ୍ଦରଗଡ଼ ଜିଲା ଡିଏମ୍‌ଏଫ୍‌ରେ ଉଚ୍ଚ ଦରମାରେ କାମ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଅନ୍ୟପକ୍ଷେ ମୋଟା ଅଙ୍କରେ ଦରମା ପାଉଥିଲେ ବି ବିନା କାରଣରେ ୧୬ ଅଗଷ୍ଟ ୨୦୨୨ ରେ ସେମାନଙ୍କୁ ଅଗ୍ରିମ ଦରମା ବାବଦରେ ୩ ବର୍ଷ ପାଇଁ ୧,୭୦, ୫୫, ୭୨୦ ଟଙ୍କା ପ୍ରଦାନ ହୋଇଥିବା ସୂଚନା ଅଧିକାର କର୍ମୀ ଶୁଭକାନ୍ତ ନାୟକ ମଗାଇଥିବା ଆରଟିଆଇ ତଥ୍ୟରୁ ଜଣାପଡ଼ିଛି। ଏହି ଟଙ୍କା ସେମାନଙ୍କ ଦରମାରୁ ପ୍ରତ୍ୟେକ ମାସ କଟାଯାଉଛି। ଏହା ଦ୍ୱାରା ଡିଏମ୍‌ଏଫ୍‌ର ଅର୍ଥର ଅପବ୍ୟୟ ହୋଇଥିବା ବେଳେ ଏହା ଦ୍ୱାରା ଡିଏମ୍‌ଏଫ ପାଇବାକୁ ଥିବା ବ୍ୟାଙ୍କ ସୁଧ ହରାଇଛି। ଅଗ୍ରିମ ନେଇଥିବା କର୍ମଚାରୀ କୌଣସି କାରଣରୁ ଚାକିରି ଛାଡ଼ି ଚାଲିଗଲେ କିଏ ଏହି ଟଙ୍କା ଫେରାଇବ, ତାହା ସବୁଠାରୁ ବଡ ପ୍ରଶ୍ନ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେ ବାବଦକୁ ଡିଏମ୍‌ଏଫ୍ ହରାଇଥିବା ସୁଧ ବାବଦକୁ ଟଙ୍କା ଆଦାୟ କରିବାକୁ ଦାବି ହେଉଛି। ଏସବୁ ଅନିୟମତତା ନେଇ ଶୁଭକାନ୍ତ ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବଙ୍କୁ ମଧ୍ୟ ଚିଠି ଲେଖି ତଦନ୍ତ କରିବାକୁ ଦାବି କରିଛନ୍ତି।

ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡିଏମ୍‌ଏଫ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ନାଗଭୂଷଣ ମିଶ୍ର କହିଛନ୍ତି, ଅଗ୍ରିମ ନେଇଥିବା ଟଙ୍କା ସମ୍ପର୍କରେ ସେ ଅବଗତ ନୁହନ୍ତି। ତେବେ ନିୟମିତ ଅଡିଟ୍ ହେଉଛି। ସେହିପରି ବିଭିନ୍ନ ଫିଲ୍ଡ ଷ୍ଟାଫ୍ ନିଯୁକ୍ତି ପାଇଁ ଆଉଟ୍‌ସୋର୍ସିଂ ସଂସ୍ଥା ପ୍ରାର୍ଥୀ ଯୋଗାଇଥାନ୍ତି। ସେଥିରୁ ଚୟନ କରାଯାଇ ନିଯୁକ୍ତି ଦିଆଯାଇଥାଏ। କର୍ମ ନିୟୋଜନ ସଂସ୍ଥାରୁ ମଗାଯାଇ ନ ଥାଏ।

## ଗଣେଶ ପୂଜା ପାଇଁ ପୋଲିସର ବୈଠକ


ଘଟଗାଁ ଥାନା ଅଧିକାରୀ ଓ ପୂଜା କମିଟି ସମ୍ପାଦକମାନେ।

ଢେଙ୍କିକୋଟ,୬।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବ୍ୟବସାୟିକ ବ୍ୟସ୍ତ ବହୁଳ ଢେଙ୍କିକୋଟ ଘଟଗାଁ ବଜାରରେ ହେଉଥିବା ଗଣେଶ ପୂଜା ଶାନ୍ତି ଶୃଙ୍ଖଳାରେ ପାଳନ ନିମନ୍ତେ ଘଟଗାଁ ଆଇ.ଆଇ.ସି ଶୁଭ୍ରାନ୍ତ ଜେନା କମିଟିର ସଭାପତି ସମ୍ପାଦକଙ୍କୁ ନେଇ ଏକ ଶାନ୍ତି ବୈଠକ ହୋଇଯାଇଛି। ବିଭିନ୍ନ ଅନୁଷ୍ଠାନମାନଙ୍କରେ ଆଲୋକ ଏବଂ ଶବ୍ଦକୁ ଶୃଙ୍ଖଳିତ ଭାବେ ବ୍ୟବହାର କରିବା ପାଇଁ କୁହାଯାଇଛି। ଭସାଣି ଉତ୍ସବରେ ମଧ୍ୟ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସଚେତନ କରାଯାଇଛି। କମିଟି ସଦସ୍ୟ ଆଇକାର୍ଡ ବ୍ୟବହାର ବାଧ୍ୟତା ମୂଳକ କରାଯାଇଛି।

**ସଂକ୍ଷେପରେ**

## ବଡ଼ବିଲ ସବ୍‌ଜେଲ ୱାର୍ଡର ନିଲମ୍ବିତ

### ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟଣା

ବଡ଼ବିଲ,୬।୯(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ସବ୍-ଜେଲରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟଣାରେ ୱାର୍ଡର ତରୁଣ କୁମାର ପରିଡ଼ା ନିଲମ୍ବିତ ହୋଇଛନ୍ତି। ବାରିପଦା ସର୍କଲ ଜେଲ ବରିଷ୍ଠ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ରାଉଳ ଏହି ନିର୍ଦ୍ଦେଶ ଦେଇଛନ୍ତି। ବନ୍ଦୀଙ୍କ ମୃତ୍ୟୁ ଘଟଣା ସେ ସମୟରେ ଚର୍ଚ୍ଚାର ବିଷୟ ହୋଇଥିଲା।

ସୂଚନାଥାଉକି, ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଅଗଷ୍ଟ ୨୦ ମଙ୍ଗଳବାର ତୁଷାରକାନ୍ତ ମଲ୍ଲିକ ଜେଲକୁ ଯାଇଥିଲେ। ପରଦିନ ତୁଷାରଙ୍କ ମୃତଦେହ ଜେଲ ମଧ୍ୟରୁ ଉଦ୍ଧାର କରାଯାଇଥିଲା। ତୁଷାର ବିଚାରାଧୀନ ବନ୍ଦୀ ଥିବା ବେଳେ ତାଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ନାନା ଚର୍ଚ୍ଚା ହୋଇଥିଲା। ମୃତ୍ୟୁକୁ ଆତ୍ମହତ୍ୟା ବୋଲି ଜେଲ କର୍ତ୍ତୃପକ୍ଷ ଜଣାଇଥିଲେ। ମାତ୍ର ତାହା ଆତ୍ମହତ୍ୟା କି ନୁହେଁ ସ୍ପଷ୍ଟ ହୋଇପାରି ନ ଥିବା ବେଳେ ଜେଲ ୱାର୍ଡର ତରୁଣଙ୍କୁ ସର୍କଲ ଜେଲ ବରିଷ୍ଠ ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବିତ କରିଛନ୍ତି। ଏ ନେଇ ଜେଲ ତରଫରୁ ଅଧିକ ତଦନ୍ତ ଜାରି ରହିଥିବା ବଡବିଲ ସବ୍ ଜେଲ ସୁପରିଣ୍ଟେଣ୍ଡେଣ୍ଟ ପୁନମ ପ୍ରଭା ନାୟକ କହିଛନ୍ତି।

## ଦ' ଏଜୁକେଟର ପକ୍ଷରୁ ଗୁରୁଦିବସ

କେନ୍ଦୁଝର,୬।୯(ଦୀପକ ମିଶ୍ର): କେନ୍ଦୁଝର ଜିଲା ଘଟଗାଁର ମିନି ଷ୍ଟାଡିୟମ ନିକଟରେ ନୂତନ ଭାବରେ ସ୍ଥାପିତ ହୋଇଥିବା 'ଦ ଏଜୁକେଟର' ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ଡ. ଉପେନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ଖବରଦାତା ପ୍ରଫୁଲ୍ଲ ରାଉତ, ମୁଖ୍ୟ ବକ୍ତାଭାବରେ ଦ ଏଜୁକେଟରର ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ମଲ୍ଲିକ ଯୋଗଦେଇଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ନିମନ୍ତ୍ରିତ ଅତିଥିମାନଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଘଟଗାଁର ଯୁବ ସାମାଜିକ କର୍ମୀ ବିକାଶ ଦେହୁରୀ, ସନାତନ ବେହେରାଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପାଠ୍ୟ ସରଞ୍ଜାମ ଏବଂ ମିଷ୍ଟାନ ବଣ୍ଟନ କରାଯାଇଥିଲା।

## ଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ

ଆନନ୍ଦପୁର,୬।୯(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ଶାଳପଡ଼ାସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟର ଅଧ୍ୟକ୍ଷା, ପ୍ରଧାପିକା ସୌଭାଗ୍ୟମୟୀ ନାୟକଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ଛାତ୍ରୀମାନେ ଅଧ୍ୟାପିକା, ଅଧ୍ୟାପକଙ୍କୁ ପୂଜା କରିଥିଲେ। ଛାତ୍ରୀଙ୍କ ମଧ୍ୟରେ ଶୁଭଲକ୍ଷ୍ମୀ କର, ଅନାବଦ୍ୟା ମିଶ୍ର, ଜାଗେଶ୍ୱନୀ ମହାନ୍ତି, ବର୍ଷାରାଣୀ ବାରିକ, ସୋନାଲୀ ବଳ, ପ୍ରିୟଙ୍କା ପାଢ଼ୀ, ଅନୁସୟା ପାତ୍ର, କଲ୍ୟାଣୀ ପାତ୍ର, ସୀମା ସାହୁ, ଅନାମିକା ଜେନା, ସୋମା ଦେବୀ, ଜୀନା ରାଣୀ ପ୍ରଭୃତି ଛାତ୍ରୀମାନେ କାର୍ଯ୍ୟକ୍ରମରେ ଦାୟିତ୍ୱ ନେଇଥିଲେ। ଛାତ୍ରୀ ସୋମା ଦେବୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## କୁଡୁମୀ ସେନା ପକ୍ଷରୁ କଳାଦିବସ


କୁଡୁମୀ ସମ୍ପ୍ରଦାୟର ମହିଳା, ପୁରୁଷମାନେ ନାଚ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କେନ୍ଦୁଝର,୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟାଳୟଠାରେ କୁଡୁମୀ ସେନା ପକ୍ଷରୁ ଶୁକ୍ରବାର କଳା ଦିବସ ଭାବେ ପାଳନ କରାଯାଇଛି। ଏ ନେଇ କୁଡୁମୀ ସମ୍ପ୍ରଦାୟର ଲୋକମାନେ ଏକ ରାଲିରେ ପ୍ଲାକାର୍ଡ ଧରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୯୫୦ ସେପ୍ଟେମ୍ବର ୬ ପୂର୍ବରୁ କୁଡୁମୀମାନେ ଆଦିବାସୀ ଥିଲେ। ଏଣୁ ପୁର୍ନବାର ଆଦିବାସୀ ମାନ୍ୟତା ପ୍ରଦାନ ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାରମ୍ପାରିକ ଗୀତ, ନୃତ୍ୟ, ମାଦଳ ଓ ନାଚ ମାଧ୍ୟମରେ ଏହି ଆନ୍ଦୋଳନସ୍ଥଳ ଦୁଲୁକି ଥିଲା। ଶେଷରେ ଓଡ଼ିଶା କୁଡୁମୀ ସେନାର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲାପାଳଙ୍କୁ ଏକ ୫ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ କୁଡୁମୀ ଜାତିକୁ ପୁନଃ ଏସ୍‌ଟି ସୂଚୀରେ ସାମିଲ, କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା, କୁଡୁମାଲୀ ଲିପିକୁ ସାମ୍ବିଧାନିକ ସ୍ୱୀକୃତ, ଶିକ୍ଷା, ଚାକିରି ଓ ରାଜନୀତି କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ପ୍ରଦାନ, କୁଡୁମୀ ଜାତିର ସାମୁହିକ ଉନ୍ନତି ପାଇଁ 'କୁଡୁମୀ ବିକାଶ ପରିଷଦ' ଗଠନ ଆଦି ଦାବି କରିଥିଲେ।

## ନଦୀରେ ନିଖୋଜ ଯୁବକଙ୍କ ମୃତଦେହ ଜବତ

ଯୋଡ଼ା,୬।୯(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ କଣ୍ଡରା ଗ୍ରାମ ନିକଟ ବୈତରଣୀ ନଦୀରେ ଗତ ବୁଧବାର ଗାଧୋଇବାକୁ ଯାଇ ନଦୀରେ ବୁଡ଼ି ନିଖୋଜ ହୋଇଯାଇଥିବା ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବକ ଗ୍ରାମର ସଞ୍ଜୀବ ନାଏକ(୧୯)। ସେ ଗ୍ରାମର ୬ ଜଣ ଯୁବକଙ୍କ ସହ ନଦୀକୁ ଗାଧୋଇବକୁ ଯାଇ ବୁଡ଼ିଯାଇଥିଲେ। ଗାଁ ଲୋକ, ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେବା ପରେ ଖୋଜାଖୋଜି ଆରମ୍ଭ ହୋଇଥିଲା। ଦୁଇ ଦିନ ଧରି ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ହେଁ ସଞ୍ଜୀବଙ୍କ ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ଭୋର୍ ସମୟରେ ସଞ୍ଜିତଙ୍କ ମୃତଦେହ ପାଣି ଉପରକୁ ଭାସି ଉଠି କୂଳରେ ଲାଗିଥିଲା। ଅଗ୍ନିଶମ ବାହିନୀ ମୃତଦେହକୁ ଜବତ କରି ପୋଲିସ ଜିମା ଦେଇଥିଲା। ଯୋଡ଼ା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠା ଘଟଣାର ତଦନ୍ତ କରୁଛି। ଏହି ଘଟଣା ପରେ କଣ୍ଡରା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ସରକାରୀ ଜମିରେ ଆବାସ ନିର୍ମାଣକୁ ବିରୋଧ

**ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ଚମ୍ପୁଆ,୬।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ କୋଦଗାଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଚିମିଲାଠାରେ ସରକାରୀ ଜମିରେ ଆବାସ ନିର୍ମାଣକୁ ବିରୋଧ କରାଯାଇଛି। ଏ ନେଇ ଶୁକ୍ରବାର ଚିମିଲା ଗ୍ରାମବାସୀ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡାଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମରେ ପ୍ରାୟ ୨୩ ରୁ ୨୪ ଏକର ଗୋଚର ଜମି ରହିଥିବା ବେଳେ ୩ ରୁ ୪ ଏକର ଜମି ଜଙ୍ଗଲ କିସମ ରହିଛି। ଗ୍ରାମ ଜଙ୍ଗଲ ଜମିରୁ କିଛି ଅଂଶ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ମାତ୍ର ଯେଉଁମାନଙ୍କୁ ପଟ୍ଟା ପ୍ରଦାନ କରାଯାଇଛି ସେମାନେ ଭୂମିହୀନ ନୁହନ୍ତି ବୋଲି ଅଭିଯୋଗ ହୋଇଛି। ଏହା ସହିତ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ନିଜ ପଟ୍ଟା ଜମିରେ ଘର ନ କରି ଗୋଚର ଜମିରେ ଘର କରିଛନ୍ତି। ଏ ନେଇ ପୂର୍ବରୁ ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। କୌଣସି ଫଳ ନ ମିଳିବାରୁ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

## ଶ୍ରୀଧରଙ୍କୁ ପୂଜ୍ୟପୂଜା ସମ୍ମାନ

ବଡ଼ବିଲ,୬।୯(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀଧର ମାଝିଙ୍କୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଛି। ପବିତ୍ର ଗୁରୁଦିବସ ଅବସରରେ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ, ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ୩୦ତମ ବାର୍ଷିକ ସମ୍ମିଳନୀ ଓ ଗୁରୁ ପ୍ରଣାମ ଉତ୍ସବ, ଭୁବନେଶ୍ୱର ସ୍ଥିତ ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସମ୍ମିଳନୀରେ ଶ୍ରୀଧରଙ୍କୁ ଶାରୀରିକ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ନିଃସ୍ୱାର୍ଥପର ଯୋଗଦାନ ନିମନ୍ତେ ସଂଘ ତରଫରୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି।

## କଙ୍କଡ଼ାଯୋଡ଼ି-ଜୁରୁ ରାସ୍ତା ମରଣଯନ୍ତା

କେନ୍ଦୁଝର, ୬।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)


ଖାଲଖମା ରାସ୍ତା।

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ କଟଲପଶି-ଧାତିକା ପୂର୍ତ୍ତ ବିଭାଗ ରାସ୍ତାର କଙ୍କଡ଼ାଯୋଡ଼ି ଘାଟି ନିକଟରୁ ଜୟପୁର ଦେଇ ଜୁରୁ ସଂଯୋଗ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାର ବୈତରଣୀ ନଦୀ ନିକଟସ୍ଥ ବାସୁ ଡ଼ାବା ନିକଟରୁ ବାମୋରୀ ପର୍ଯ୍ୟନ୍ତ ଯିବାକୁ ମଧ୍ୟ ରାସ୍ତା ରହିଛି। ମାତ୍ର ଜୟପୁରଠାରୁ ବାସୁ ଡ଼ାବା ପର୍ଯ୍ୟନ୍ତ ରାସ୍ତା ଉଭୟ ଯୋଡ଼ା ଓ ଝୁମ୍ପୁରା ବ୍ଲକ୍‌ର ସୀମାନ୍ତ ବର୍ତ୍ତି ଅଞ୍ଚଳ ହୋଇଥିବାରୁ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ୨ ବ୍ଲକ୍‌ର ସମନ୍ୱୟ ଅଭାବରୁ ହୋଇପାରୁନାହିଁ।

ଯୋଡ଼ା, ବଡ଼ବିଲରୁ କେନ୍ଦୁଝର ଯିବାକୁ ଥିବା ଭଦ୍ରାସାହି-ରିମୁଳି-କେନ୍ଦୁଝର ମୁଖ୍ୟ ରାଜପଥରେ ଦୈନିକ ଦୁର୍ଘଟଣା ଘଟି ବହୁ ଧନ ଜୀବନହାନୀ ଘଟୁଛି। ସାଧାରଣତଃ ବାମେବାରୀ, ଜୁରୁ ଜଜାଙ୍ଗ, ବାଂଶପାଣି, ଯୋଡ଼ା, ବଡ଼ବିଲ, ଝୁମ୍ପୁରା, ମାଲଦା, କୁଟୁଗାଁ, କାଳୀମାଟି ଅଞ୍ଚଳର ଲୋକେ ବହୁସଂଖ୍ୟାରେ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ରାସ୍ତାଟି ଏବେ ଖାଲଖମାରେ ଭର୍ତ୍ତି ହୋଇ ଦୁର୍ବସହ ହୋଇପଡ଼ିଛି। ରାସ୍ତାର ମଝିରେ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ରାସ୍ତାଟି ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ମେଟାଲଗୁଡ଼ିକ ଏଣେତେଣେ ବିଛାଡ଼ି ହୋଇପଡ଼ିଛି। ରାସ୍ତା ଦେଇ ପ୍ରତ୍ୟେକ ଦିନ ରୋଗୀ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବାବେଳେ ସ୍ଥାନୀୟ ଲୋକେ ଖଣି ଅଞ୍ଚଳକୁ ବିଭିନ୍ନ କାର୍ଯ୍ୟପାଇଁ ଯାଇଥାନ୍ତି। ଛାତ୍ରୀଛାତ୍ର, ଆମ୍ବୁଲାନ୍ସ, ଅଗ୍ନିଶମ, ପୋଲିସ ପାଟ୍ରୋଲିଂ ଗାଡ଼ିଆଦିମଧ୍ୟ ରାସ୍ତା ଖରାପ ଯୋଗୁ ନାହିଁନ ଥିବା ହଇରାଣ ହେଉଛନ୍ତି। ଜିଲା ପ୍ରଶାସନ କଙ୍କଡ଼ାଯୋଡିଠାରୁ ଜୟପୁର ଦେଇ ଜୁରୁ ସଂଯୋଗ ରାସ୍ତାକୁ ମରାମତି ସହିତ ଚଉଡ଼ା କରି ଖଣି ଅଞ୍ଚଳ ଓ କଟଲପୋଷି ମଧ୍ୟରେ ଗମନାଗମନ ବ୍ୟବସ୍ଥା କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ା, ସଭାପତି ରଞ୍ଜନ ବେହେରା, ଉପ ସଭାପତି ସୁରେଶ ପଲେଇ ପ୍ରମୁଖ ଦାବି କରିଛନ୍ତି।

## ଟ୍ରକ୍ ଚାପାରେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ,୬।୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଢେଙ୍କିକୋଟ ଜାତୀୟ ରାଜପଥ ୨୦ ନଂ. ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଅଜଣା ଟ୍ରକ୍ ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ଗ୍ରାମର ମନୋହର ଦାସଙ୍କ ପୁଅ ବସନ୍ତ ଦାସ (୫୦)। ବସନ୍ତ ଜାତୀୟ ରାଜପଥ ୨୦ ନଂ ପାର ହେଉଥିଲେ। ଘଟଗାଁରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଟ୍ରକ୍ ଦ୍ରୁତ ଗତିରେ ଆସି ବସନ୍ତଙ୍କ ଉପରେ ମାଡ଼ି ଯାଇଥିଲା। ଢେଙ୍କିକୋଟ ପୋଲିସ ଉଦ୍ଧାର କରି ବସନ୍ତକୁ ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ପଞ୍ଚାୟତସ୍ତରୀୟ ପୋଷଣ କାର୍ଯ୍ୟକ୍ରମ

ଗୋପବନ୍ଧୁ ନଗର,୬।୯
(ଶାନ୍ତନୁ କୁମାର ମଢୁଆଲ)

ଗୋପବନ୍ଧୁ ନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ଶୀଳଘାଟି ପଞ୍ଚାୟତସ୍ତରୀୟ ପୋଷଣ କାର୍ଯ୍ୟକ୍ରମ ଶୀଳଘାଟି ଅଙ୍ଗନୱାଡି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ନାମ ପଞ୍ଜୀକରଣ କରିଥିବା ପିଲାମାନଙ୍କର ମା'ମାନଙ୍କୁ ନେଇ ଏହି ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁପରଭାଇଜର ତନୁଜା ପୃଷ୍ଟି ଓ ଦମୟନ୍ତୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାଉଳ, ସୁଜି, ଛତୁଆ ପ୍ରଭୃତି ସାମଗ୍ରୀରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି କରାଯାଇ ପ୍ରଦର୍ଶନ କରାଯାଇଥିଲା। ଅତିଥି ଭାବେ ସିଡିପିଓ ସୁଜାତା ମହାପାତ୍ର ଯୋଗଦେଇ ପ୍ରଧାନ ମନ୍ତ୍ରୀଙ୍କର ଏହି ସ୍ୱତନ୍ତ୍ର ପଦକ୍ଷେପ ଓ କାର୍ଯ୍ୟକ୍ରମ ଉପରେ ଅଭିବାବିକାମାନଙ୍କୁ ବୁଝାଇବା ସହ ଶିଶୁମାନଙ୍କର ଯତ୍ନ ସମ୍ପର୍କରେ ସଚେତନ କରାଇଥିଲେ। ପୋଷଣ କାର୍ଯ୍ୟକ୍ରମର ସଂଯୋଜକ ଚିନ୍ମୟ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତି ଅଙ୍ଗନୱାଡିରେ ଏହି ଭଳି କାର୍ଯ୍ୟକ୍ରମ ଚାଲିଥିବା ସିଡିପିଓ ସୂଚନା ଦେଇଛନ୍ତି।

## ଭାଜପାର ସଦସ୍ୟତା ଅଭିଯାନ


ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ରାଇରଙ୍ଗପୁର,୬।୯(ଜିତେନ୍ଦ୍ର କୁମାର ଅଗ୍ରୱାଲ/ ମାନସ ମହାନ୍ତି)

ରାଇରଙ୍ଗପୁରସ୍ଥିତ ପିସିଏମ୍ କଲ୍ୟାଣୀ ମଣ୍ଡପଠାରେ ଜିଲା ସଭାପତି କୃପାସିନ୍ଧୁ ମହାନ୍ତଙ୍କ ନେତୃତ୍ୱରେ ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ମହାନ୍ତ ତାଙ୍କୁ ପ୍ରଥମେ ଭାଜପାର ସଦସ୍ୟ କରାଇଥିଲେ। ପରବର୍ତ୍ତୀ ସମୟରେ ଭାଜପା ରାଜ୍ୟ ସମ୍ପାଦକ ନବୀନ ରାମ, ମନୋଜ ଦାସ,ସରୋଜ ମହାନ୍ତ, ବିପିନ ମହାନ୍ତ, ଆଶିଷ ମହାନ୍ତ, ସଞ୍ଜୀବ ମହାନ୍ତି, ନରେନ୍ଦ୍ର ସାହୁ, ଜୟବ୍ରତ ଗିରି, ଜୁରିଲାଲ ମହାନ୍ତ, କିନାରାମ ବିରୁଆ, ନଗର ସଭାପତି ସୁରଥ କୁମାର ପଟ୍ଟନାୟକ, ମିନତୀ ବସା, ହରିଶ ଚନ୍ଦ୍ର ମହାନ୍ତ, ଗୋବିନ୍ଦ ମହାନ୍ତ, ଜାନକୀ ରାମ, ଶାନ୍ତି ମହାନ୍ତ, ତୁଳସୀ ଦାସ ମହାନ୍ତ, ପରମାନନ୍ଦ ସିଂ, ପାରାଉ ହେମ୍ବ୍ରମ, ହରିହର ମହାନ୍ତ,ଦିଲ୍ଲୀପ ମହାନ୍ତ,ଦିଲ୍ଲୀପ ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ।

## ଧୂଆଁ, ଧୂଳି ବଳୟରେ ଖଣି ଅଞ୍ଚଳ

ଯୋଡ଼ା,୬।୯(ମାନସ ମହାନ୍ତି)



କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳ ଖଣି ପାଇଁ ବିଶ୍ୱ ମାନଚିତ୍ରରେ ପରିଚିତ। ଖଣିରୁ ସରକାର ବହୁ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। ମାତ୍ର ପ୍ରତିବଦଳରେ ଖଣିଜ ପରିବହନ ଯୋଗୁ ଯୋଡ଼ା ସହରରେ ବୃଦ୍ଧି ପାଉଥିବା ପ୍ରଦୂଷଣ ଓ ରାସ୍ତାଘାଟ ନିର୍ମାଣ ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ପ୍ରଦୂଷଣର ବିଷବଳୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଖଣି ଅଞ୍ଚଳବାସୀ ଧୂଳି,ଧୂଆଁ ମଧ୍ୟରେ ଏକ ଅଭିଶପ୍ତ ଜୀବନଯାପନ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି।

ପ୍ରକାଶ ଯେ, ସହରର ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ୯ ହଜାରରୁ ଉର୍ଦ୍ଧ୍ୱ ଖଣିଜ ବୋଝେଇ ଟ୍ରକ୍ ବିଭିନ୍ନ ରେଳ ସାଇଡିଂ ଏବଂ ପ୍ରମୁଖ ବନ୍ଦରକୁ ଚଳାଚଳ କରୁଛି। ସହରକୁ ସଂଯୋଗ ହୋଇଥିବା ପଳାସପଙ୍ଗା-ଯୋଡ଼ା ରାସ୍ତା ପ୍ରଶସ୍ତୀକରଣ କାମ ସରକାରୀ ଆନ୍ତରିକତା ଅଭାବରୁ ଦୀର୍ଘ ବର୍ଷ ହେବ ଅଟକି ରହିଛି। ବାଂଶପାଣି ରେଳ ସାଇଡିଂକୁ ସଂଯୋଗ ହୋଇଥିବା ରାସ୍ତା ଏବେ ବି ପକ୍କା ହୋଇପାରିନାହିଁ। ଫଳରେ ରେଳ ସାଇଡିଂକୁ ପରିବହନ ହେଉଥିବା ଅନେକ ଶହ ଟ୍ରକ୍ ଯୋଗୁ ଧୂଳି, ଧୂଆଁ ଉଡ଼ି ଅଞ୍ଚଳ ପ୍ରଦୂଷିତ ହେଉଛି। ଜିଲା ଖଣିଜ ପାଣ୍ଠିକୁ ବାର୍ଷିକ ପ୍ରାୟ ୧୫ଶହ କୋଟି ଯାଉଥିଲେ ହେଁ ଏହାର ସୁବିନିଯୋଗ ହେଉନାହିଁ। ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ରାସ୍ତାକଡ଼ ଜନବସତିର ଲୋକେ ପ୍ରଦୂଷଣର ପ୍ରଭାବରେ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଖଣିଜ ପରିବହନର ମୁଖ୍ୟ କେନ୍ଦ୍ର ଥିବା ବାଂଶପାଣି ଓ କମାରଯୋଡ଼ା ଅଞ୍ଚଳବାସୀ ପ୍ରଦୂଷଣରେ ଅତିଷ୍ଠ ହୋଇ ଅନେକବାର ଜନ ଆନ୍ଦୋଳନ ଓ ରାସ୍ତାରୋକୋ କରୁଛନ୍ତି। ଯୋଡ଼ା ଖଣି ମଣ୍ଡଳରେ ଥିବା ଖଣି ଓ ଶିଳ୍ପ ସଂସ୍ଥାଗୁଡ଼ିକ ନିଜର ବ୍ୟବସାୟିକ ଉଦ୍ଦେଶ୍ୟରେ ଏହି ରାସ୍ତାକୁ ବ୍ୟବହାର କରୁଥିଲେ ମଧ୍ୟ ରାସ୍ତା ନିର୍ମାଣ, ମରାମତି ଓ ଚାରାରୋପଣ କରୁନାହାନ୍ତି। ଏ ଦିଗରେ ରାଜ୍ୟ ସରକାର ଖଣି ଓ ଶିଳ୍ପସଂସ୍ଥାଗୁଡିକୁ କୌଣସି ନିର୍ଦ୍ଦେଶନାମା ଜାରି କରୁ ନ ଥିବାରୁ କମ୍ପାନୀଗୁଡ଼ିକ ସାମାଜିକ ଦାୟିତ୍ୱବୋଧ ଭୁଲିଯାଉଥିବା ବରିଷ୍ଠ ନାଗରିକ ପୁରୁଷୋତ୍ତମ ଦାସ, ନିରଞ୍ଜନ ବହିଦାର, ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ମହାନ୍ତି କହିଛନ୍ତି। ପରିବେଶବିତ୍ ଉଦୟଶଙ୍କର ଆଚାର୍ଯ୍ୟ କହିଛନ୍ତି, ଯୋଡ଼ାରେ ୧୦ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ବ୍ୟାପକ ଖଣି ଖନନ ଯୋଗୁ ଜଙ୍ଗଲ ନଷ୍ଟ ହେଉଛି। ଖଣି କମ୍ପାନୀଗୁଡ଼ିକ ବ୍ୟାପକ ଗଛ କାଟୁଥିଲେ ବି ସରକାରୀ ନିୟମ ମୁତାବକ ଚାରାରୋପଣ କରୁନାହାନ୍ତି। ଖଣି ଖନନର ନିୟମ ଅନୁଯାୟୀ, ଲିଜ୍ ଅବଧି ସରିବା ପରେ ଖଣିଜ ଉତ୍ତୋଳନ ହୋଇଥିବା ଗର୍ତ୍ତଗୁଡ଼ିକ ପୋତିବାର ପ୍ରାବଧାନ ବା ରିକ୍ଲାମେଶନ ନିୟମ ରହିଛି। ୨୦୨୦ ପରେ ଏହି ନିୟମକୁ ଉଲ୍ଲଂଘନ କରାଯାଉଛି। ଏହାଦ୍ୱାରା ହାତୀ, ବନ୍ୟପ୍ରାଣୀଙ୍କ ଚଲାପଥ ପ୍ରଭାବିତ ହେଉଛି। ବ୍ୟାପକ ଜଙ୍ଗଲ ଧ୍ୱଂସ ଯୋଗୁ ଋତୁ ଚକ୍ରରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଉଛି। ସରକାର ଏକ ସ୍ୱଷ୍ଟ ନୀତି ଖଣି ଖନନ ଓ ପ୍ରଦୂଷଣ ଉପରେ ନ ଆଣିଲେ ଏ ଅଞ୍ଚଳ ଶୁଷ୍କ ଓ ଉତ୍ତପ୍ତ ପିଣ୍ଡରେ ପରିଣତ ହୋଇଯିବ ବୋଲି ବରିଷ୍ଠ ନାଗରିକ ପୁରୁଷୋତ୍ତମ ଦାସ, ହେମନ୍ତ ମହାନ୍ତି, ସୋମନାଥ ମହାନ୍ତି ପ୍ରମୁଖ କହିଛନ୍ତି।

## ହୋମିଓପାଥିକ ଚିକିତ୍ସକଙ୍କ ପରଲୋକ

କରଞ୍ଜିଆ,୬।୯(କବିତା ମହାନ୍ତ): କରଞ୍ଜିଆ ପୌରପରିଷଦ ଅଧୀନ ୪ନଂ. ୱାର୍ଡରେ ରହୁଥିବା ହୋମିଓପାଥିକ ଚିକିତ୍ସକ ଆଦ୍ୟାପଦ କର (କର ନନା)ଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ସେ ସମବାୟ ବ୍ୟାଙ୍କରୁ ଅବସର ନେବା ପରେ ୩୦ବର୍ଷ ହେବ ହୋମିଓପଥିକ ଚିକିତ୍ସା କରି ଆସୁଥିଲେ। କର ନନା ଭାବେ ସେ ବେଶ୍ ପରିଚିତ ଥିଲେ। ମୃତ୍ୟୁ ଖବରପାଇ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମାଣିକ ଛକସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଝିଅ, ଜ୍ୱାଇଁ, ନାତୁଣୀ, ନାତି ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତୁରା ଶୁବୁ କର ମୁଖାଗ୍ନି ଦେଇଥିଲେ।



